ଡକ୍ଟର. ଏନ୍. ବି. ଖାରେ

ବନାମ

ଭାରତ ନିର୍ବାଚନ ଆୟୋଗ

*1957*
*ଅକ୍ଟୋବର 14*

(ଏସ୍. ଆର୍. ଦାସ୍, ପ୍ରଧାନ ନ୍ୟାୟାଧୀଶ, ଭେଙ୍କଟରାମା ଆୟାର, ଏସ୍. କେ. ଦାସ୍, ଜେ. ଏଲ୍. କପୁର ଏବଂ ଭିଭିଆନ୍ ବୋଷ, ନ୍ୟାୟମୂର୍ତ୍ତିବୃନ୍ଦ)

*ରାଷ୍ଟ୍ରପତି ନିର୍ବାଚନ-ନିର୍ବାଚନର ବୈଧତା-ବିବାଦର ତଦନ୍ତ-ବିଚାରମଞ୍ଚ ଏବଂ ପ୍ରକ୍ରିୟା-ରାଷ୍ଟ୍ରପତି ଏବଂ ଉପରାଷ୍ଟ୍ରପତି ନିର୍ବାଚନ ଅଧିନିୟମ, 1952 (1952 ର XXXI), ଧାରା 14, 18-ସର୍ବୋଚ୍ଚ ନ୍ୟାୟାଳୟ ନିୟମାବଳୀ, 1950, ଆଦେଶ XXXVII-A, ନିୟମ 3, 12-ଭାରତର ସମ୍ବିଧାନ, ଅନୁଚ୍ଛେଦ 71 (1) (3) ।*

ରାଷ୍ଟ୍ରପତି ନିର୍ବାଚନ ପାଇଁ ଅଭିଳାଷୀ ପ୍ରାର୍ଥୀ ଭାବେ ନିଜକୁ ବର୍ଣ୍ଣନା କରି ଆବେଦନକାରୀ ରାଷ୍ଟ୍ରପତିଙ୍କ ନିର୍ବାଚନକୁ ବିରୋଧ କରି ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 71 (1) ଅନୁଯାୟୀ ସର୍ବୋଚ୍ଚ ନ୍ୟାୟାଳୟରେ ଏକ ଆବେଦନ ଦାଖଲ କରିଥିଲେ, କିନ୍ତୁ ରାଷ୍ଟ୍ରପତି ଏବଂ ଉପରାଷ୍ଟ୍ରପତି ନିର୍ବାଚନ ଅଧିନିୟମ, 1952ର ବ୍ୟବସ୍ଥାଗୁଡିକ ଏବଂ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିୟମାବଳୀରେ ଥିବା ଆଦେଶ XXXVII- A ର ଅନୁରୂପତା ନୁହେଁ ବୋଲି ଦର୍ଶାଇ ନ୍ୟାୟାଳୟର ରେଜିଷ୍ଟ୍ରାର ଏହାକୁ ଫେରାଇ ଦେଇଥିଲେ । ଅଦାଲତରେ ଆବେଦନ କରିବା ସମୟରେ ଆବେଦନକାରୀ ପାଇଁ ଏହା ଯୁକ୍ତି କରାଯାଇଥିଲା ଯେ(1) ଆବେଦନପତ୍ର ନିର୍ବାଚନର ବୈଧତା ଉପରେ ସନ୍ଦେହ ଉପରେ ଆଧାରିତ ଥିଲା ଏବଂ ଫଳସ୍ୱରୂପ, ଅଧିନିୟମ କିମ୍ବା ସର୍ବୋଚ୍ଚ ନ୍ୟାୟାଳୟର ନିୟମାବଳୀ ଅଧୀନରେ ନଥିଲା, (2) ଅଧିନିୟମ ଏବଂ ନିୟମାବଳୀ ଏହି ଆଧାରରେ ଅସିଦ୍ଧ ଥିଲା ଯେ ଏହା ଯେକୌଣସି ପରିସ୍ଥିତିରେ ଧାରା 71 (1) ଏବଂ (3)ଅନୁଯାୟୀ ସର୍ବୋଚ୍ଚ ନ୍ୟାୟାଳୟଙ୍କୁ ଦିଆଯାଇଥିବା ଅଧିକାରିତାରୁ, ଅବମାନନା କରନ୍ତି । ନାଗରିକ ଭାବରେ ଆବେଦନକାରୀଙ୍କର ସାମ୍ବିଧାନିକ ବ୍ୟବସ୍ଥା ଉଲ୍ଲଂଘନ କରି ନିର୍ବାଚନ ଅନୁଷ୍ଠିତ ହେଲେ ଏହି ନ୍ୟାୟାଳୟର ସହାୟତା ପାଇଁ ଆବେଦନ କରିବାର ଅଧିକାର ରହିଛି ।

*ନିର୍ଣ୍ଣୟ ହୋଇଥିଲା ଯେ,* ଧାରା 71 (1) କେବଳ ସେହି ବିଚାର ମଞ୍ଚ ନିର୍ଦ୍ଧାରଣ କରେ ଯେଉଁଥିରେ ରାଷ୍ଟ୍ରପତି ଏବଂ ଉପରାଷ୍ଟ୍ରପତିଙ୍କ ନିର୍ବାଚନ ସମ୍ବନ୍ଧୀୟ ସନ୍ଦେହ ଏବଂ ବିବାଦର ତଦନ୍ତ କରାଯିବ, କିନ୍ତୁ ସର୍ବୋଚ୍ଚ ନ୍ୟାୟାଳୟକୁ ଦ୍ୱାରସ୍ଥ ହେବାର ଅଧିକାର ତଥା ଏହାର ପ୍ରକ୍ରିୟା ଅନୁଚ୍ଛେଦ 71 (3) ଦ୍ୱାରା ପ୍ରାଧିକୃତ ସଂସଦ ଅଧିନିୟମ ଦ୍ୱାରା ନିର୍ଦ୍ଧାରିତ ହୋଇଥାଏ । ତଦ୍ଦନୁସାରେ ଏହି

ସଂବଧିତ ଅଧିନିୟମ ଏବଂ ନିୟମାବଳୀ ବୈଧ, ଏବଂ ଆବେଦନକାରୀ ନିର୍ବାଚନକୁ ରଦ୍ଦ କରିବା ପାଇଁ ଏକ ଆବେଦନ ଦାଖଲ କରିବାକୁ ଅଧିନିୟମ ଦ୍ୱାରା ଦିଆଯିବା ବ୍ୟତୀତ କୌଣସି ଅଧିକାର ନାହିଁ ।

ମୂଳ ଅଧିକାରିତା : ଦେୱାନୀ ବିବିଧ ଆବେଦନ ସଂଖ୍ୟା 915/1957 ।

ସର୍ବୋଚ୍ଚ ନ୍ୟାୟାଳୟର ନିୟମାବଳୀର ଆଦେଶ 5, ନିୟମ 3 ଅନୁଯାୟୀ ଆବେଦନ ।

ଆବେଦନକାରୀଙ୍କ ପକ୍ଷରୁ ଆର୍. ଭି. ଏସ୍. ମଣି ଏବଂ ଗଙ୍ଗତ ରାୟ ।

1957 ମସିହା ଅକ୍ଟୋବର 14 । ନ୍ୟାୟାଳୟର ନିମ୍ନଲିଖିତ ରାୟ ପ୍ରଦାନ କରାଯାଇଥିଲା

ନ୍ୟାୟାଧୀଶ ଭେଙ୍କଟରାମା ଆୟାରଙ୍କ ଦ୍ୱାରା- ଏହା ହେଉଛି ଭାରତ ସମ୍ବିଧାନର ଧାରା 71 (1) ଅନୁଯାୟୀ ଏକ ଆବେଦନ । 1957 ମସିହା ମେ ମାସ 6 ତାରିଖରେ ରାଷ୍ଟ୍ରପତି ପଦ ପାଇଁ ନିର୍ବାଚନ ହୋଇଥିଲା ଏବଂ ଶ୍ରୀ ରାଜେନ୍ଦ୍ର ପ୍ରସାଦ ନିର୍ବାଚିତ ହୋଇଥିଲେ । ଏହାପରେ ଡକ୍ଟର ଏନ. ବି. ଖାରେ ନିଜକୁ ଜଣେ ଅଭିଳାଷୀ ପ୍ରାର୍ଥୀ ବୋଲି ଦର୍ଶାଇ ଏକ ଆବେଦନ କରିଥିଲେ ଏବଂ ଆରୋପ କରିଥିଲେ ଯେ ସମ୍ବିଧାନର ବ୍ୟବସ୍ଥାକୁ ଉଲ୍ଲଂଘନ କରାଯାଇଥିଲା ଏବଂ ଫଳସ୍ୱରୂପ ନିର୍ବାଚନ ବୈଧ ହେଲା ନାହିଁ । ଏହି ଆବେଦନରେ ପ୍ରାର୍ଥନା କରାଯାଇଛି ଯେ, "ରାଷ୍ଟ୍ରପତି ନିର୍ବାଚନ ସହ ଜଡ଼ିତ ଗୁରୁତର ସନ୍ଦେହକୁ ତଦନ୍ତ କରାଯାଉ, ସମାଧାନ ଏବଂ ନିଷ୍ପତ୍ତି କରାଯାଉ" ଏବଂ "ରାଷ୍ଟ୍ରପତି ନିର୍ବାଚନ ପ୍ରକ୍ରିୟାକୁ ଅସିଦ୍ଧ ଘୋଷଣା କରାଯାଉ ।"

ଏହି ନ୍ୟାୟାଳୟର ରେଜିଷ୍ଟ୍ରାର ଏହି ଆବେଦନକୁ ରାଷ୍ଟ୍ରପତି ଏବଂ ଉପରାଷ୍ଟ୍ରପତି ନିର୍ବାଚନ ଅଧିନିୟମ, 1952 (1952 ର XXXI) ର ବ୍ୟବସ୍ଥା ଅନୁରୂପ ନ ଥିବାରୁ ଏବଂ ଏହି ଅଦାଲତର ନିୟମାବଳୀରେ ଥିବା ଆଦେଶ XXXVII- A ର ଆବଶ୍ୟକତାକୁ ପୂରଣ ନ କରିଥିବାରୁ ଫେରାଇ ଦେଇଥିଲେ । 1952ର ଅଧିନିୟମ XXXI ର ଧାରା 14 ରେ ବ୍ୟବସ୍ଥା ରହିଛି ଯେ, କୌଣସି ନିର୍ବାଚନ ଉପରେ ପ୍ରଶ୍ନ ଉଠାଇ ହେବ ନାହିଁ, ଯେପର୍ଯ୍ୟନ୍ତ ଏହି ଅଧିନିୟମର ବ୍ୟବସ୍ଥା ଏବଂ ସମ୍ବିଧାନର ଅନୁଚ୍ଛେଦ 145 ଅନୁଯାୟୀ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପ୍ରସ୍ତୁତ ନିୟମାବଳୀ ଅନୁଯାୟୀ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିକଟରେ ଏକ ନିର୍ବାଚନ ଆବେଦନ ଦାଖଲ କରାଯାଇନାହିଁ ଏବଂ ଏହା ଆହୁରି ମଧ୍ୟ ବ୍ୟବସ୍ଥା କରିଛି ଯେ, ଏହି ନିର୍ବାଚନରେ ଯେକୌଣସି ପ୍ରାର୍ଥୀ କିମ୍ବା ଦଶ କିମ୍ବା ତତୋଧିକ ଭୋଟରଙ୍କ ଦ୍ୱାରା ଏହା ଉପସ୍ଥାପିତ ହେବା ଉଚିତ । ଏହି ମାମଲା ସମ୍ବନ୍ଧରେ ଏହି

1957

ଡକ୍ଟର. ଏନ୍. ବି. ଖାରେ
ବନାମ
ଭାରତ ନିର୍ବାଚନ ଆୟୋଗ

ନ୍ୟାୟମୂର୍ତ୍ତି ଭେଙ୍କଟରାମା
ଆୟାର

ନ୍ୟାୟାଳୟ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ନିୟମାବଳୀ ଆଦେଶ XXXVII-A ରେ ରହିଛି । ନିୟମ 3 ରେ ନିର୍ଦ୍ଧାରିତ ହୋଇଛି ଯେ ଆବେଦନ ଦାଖଲ କରିବା ପାଇଁ 250 ଟଙ୍କା ମୂଲ୍ୟର କୋର୍ଟ ଦେୟ ଦେବାକୁ ହେବ ଏବଂ ଧାରା 12 ଅନୁଯାୟୀ ଆବେଦନକାରୀଙ୍କୁ ତାଙ୍କ ଦ୍ୱାରା ପ୍ରଦତ୍ତ ଖର୍ଚ୍ଚର ପରିଶୋଧ ପାଇଁ ଅମାନତ ଭାବରେ 2,000 ଟଙ୍କା ନଗଦ ଜମା କରିବାକୁ ପଡିବ । ଆବେଦନକାରୀ ଅଧିନିୟମର ଧାରା 14 ଅନୁଯାୟୀ ଆବେଦନ କରିବା ପାଇଁ ଯୋଗ୍ୟ ବ୍ୟକ୍ତି ନୁହେଁ ଏବଂ ତାଙ୍କ ଆବେଦନ ମଧ୍ୟ ତ୍ରୁଟିପୂର୍ଣ୍ଣ ଥିଲା କାରଣ ଏହା ନିୟମ 3 ଏବଂ 12ର ଆବଶ୍ୟକତାକୁ ପୂରଣ କରୁନଥିଲା । ତଦନୁସାରେ ରେଜିଷ୍ଟ୍ରାର ଏହାକୁ ଫେରାଇ ଦେଇଥିଲେ । ସେହି ଆଦେଶ ବିରୁଦ୍ଧରେ, ବର୍ତ୍ତମାନର ଆବେଦନ ଅଣାଯାଇଛି ।

ଶ୍ରୀଯୁକ୍ତ ମଣି ପ୍ରଥମେ ଯୁକ୍ତି କରିଛନ୍ତି ଯେ ବର୍ତ୍ତମାନର ଆବେଦନ 1952 ର ଅଧିନିୟମ XXXI ଏବଂ ସୁପ୍ରିମକୋର୍ଟ ନିୟମାବଳୀର ଆଦେଶ XXXVII-A ର ପରିସର ବାହାରେ ଅଛି । ଏହା ଯୁକ୍ତି କରାଯାଏ ଯେ ରାଷ୍ଟ୍ରପତିଙ୍କ ନିର୍ବାଚନରୁ କିମ୍ବା ଏହା ସହିତ ଜଡିତ ସମସ୍ତ ସନ୍ଦେହ ଏବଂ ବିବାଦର ଅନୁସନ୍ଧାନ ଏବଂ ନିଷ୍ପତ୍ତି ନେବା ପାଇଁ ସର୍ବୋଚ୍ଚ ନ୍ୟାୟାଳୟର ଅଧିକାରିତା କ୍ଷେତ୍ର ରହିଛି, ଯେ 1952 ର ଅଧିନିୟମ XXXI ଏବଂ ଆଦେଶ XXXVII-A ସେତେବେଳେ ଲାଗୁ ହେବ ଯେତେବେଳେ ନିର୍ବାଚନରେ ବିବାଦ ଥିବ କିନ୍ତୁ ଯେତେବେଳେ ଆବେଦନ ନିର୍ବାଚନର ବୈଧତା ଉପରେ ସନ୍ଦେହ ଉପରେ ଆଧାରିତ ଥିବ, ଏହା ଅଧିନିୟମ କିମ୍ବା ନିୟମାବଳୀ ଦ୍ୱାରା ଅନ୍ତର୍ଭୁକ୍ତ ନୁହେଁ । ଆମେ ଏହି ଯୁକ୍ତିକୁ ଗ୍ରହଣ କରିବାକୁ ଅସମର୍ଥ । ଥରେ ନିର୍ବାଚନ ହୋଇଗଲେ, ଏହାର ବୈଧତା ଉପରେ କୌଣସି ସନ୍ଦେହ କେବଳ ନିର୍ବାଚନକୁ ରଦ୍ଦ କରିବା ପାଇଁ ଏକ ଆଧାର ଭାବରେ ଗୁରୁତ୍ୱପୂର୍ଣ୍ଣ ଏବଂ ଏହା ବାସ୍ତବରେ ଆବେଦନପତ୍ରରେ ପ୍ରାର୍ଥନା ଅଟେ । ବାସ୍ତବରେ ଏହି ଆବେଦନଟି ନିର୍ବାଚନକୁ ଆହ୍ୱାନ କରୁଥିବା ଏକ ଆବେଦନ ଅଟେ ଏବଂ ଏହା 1952ର ଅଧିନିୟମର XXXI ଏବଂ ନିୟମାବଳୀରେ ଥିବା ଆଦେଶ XXXVII-A ର ଆବଶ୍ୟକତାକୁ ପୂରଣ କରିବା ଉଚିତ ।

ପରବର୍ତ୍ତୀ ସମୟରେ ଏହା ଯୁକ୍ତି କରାଯାଉଛି ଯେ ଉକ୍ତ ଅଧିନିୟମ ଏବଂ ନିୟମାବଳୀଗୁଡ଼ିକ ସେମାନେ ରାଷ୍ଟ୍ରପତି କିମ୍ବା ଉପରାଷ୍ଟ୍ରପତିଙ୍କ ନିର୍ବାଚନରୁ କିମ୍ବା ଏହା ସହିତ ଜଡିତ ସମସ୍ତ ବିବାଦ ଏବଂ ସନ୍ଦେହର ତଦନ୍ତ ଏବଂ ନିଷ୍ପତ୍ତି ନେବା ପାଇଁ ସର୍ବୋଚ୍ଚ ନ୍ୟାୟାଳୟର ଅଧିକାରିତା କ୍ଷେତ୍ରରୁ ଅବମାନନା କରନ୍ତି, ଏହି ଆଧାରରେ ଅସିଦ୍ଧ । ଏହା ଧାରା 18 ଅନୁଯାୟୀ

ଯୁକ୍ତି କରାଯାଏ, ଯେ ନିର୍ବାଚନକୁ କେବଳ କେତେକ ନିର୍ଦ୍ଦିଷ୍ଟ ଆଧାରରେ ବାତିଲ କରିବା ରଖାଯାଇପାରିବ ଏବଂ ଖଣ୍ଡ (b) ଅନୁଯାୟୀ ଏହା କେବଳ ସେତେବେଳେ କରାଯାଇପାରିବ ଯଦି ନିର୍ବାଚନର ଫଳାଫଳ ଭୌତିକ ଭାବରେ ପ୍ରଭାବିତ ହୋଇଥିବା ଦେଖାଯାଏ, ଏବଂ ଏଗୁଡ଼ିକ ଧାରା 71 (1) ଦ୍ୱାରା ପ୍ରଦାନ କରାଯାଇଥିବା କ୍ଷେତ୍ରାଧିକାର ଉପରେ ପ୍ରତିବନ୍ଧକ ଏବଂ କ୍ଷମତାତୀତ, ଧାରା 71 (1) କେବଳ ସେହି ବିଚାରମଞ୍ଚକୁ ନିର୍ଦ୍ଦିଷ୍ଟ କରେ ଯେଉଁଥିରେ ରାଷ୍ଟ୍ରପତି ଏବଂ ଉପ-ରାଷ୍ଟ୍ରପତିଙ୍କ ନିର୍ବାଚନ ସହିତ ଜଡିତ ବିବାଦଗୁଡ଼ିକର ତଦନ୍ତ କରାଯିବ । କେଉଁ ସର୍ତ୍ତରେ ନିର୍ବାଚନକୁ ବାତିଲ କରିବା ପାଇଁ ଆବେଦନ ଉପସ୍ଥାପନ କରାଯାଇପାରିବ ତାହା ଏହା ନିର୍ଦ୍ଧାରିତ କରେ ନାହିଁ । ଅନୁଚ୍ଛେଦ 71 (3) ଅନୁଯାୟୀ, ରାଷ୍ଟ୍ରପତି କିମ୍ବା ଉପରାଷ୍ଟ୍ରପତିଙ୍କ ନିର୍ବାଚନ ସହ ଜଡ଼ିତ କୌଣସି ବିଷୟକୁ ନିୟନ୍ତ୍ରଣ କରିବା ପାଇଁ ସଂସଦକୁ ଆଇନ ପ୍ରଣୟନ କରିବାର କ୍ଷମତା ଦିଆଯାଇଛି ଏବଂ ଏହି ବ୍ୟବସ୍ଥା ଅନୁଯାୟୀ 1952ର ଅଧିନିୟମ XXXI ସଂସଦ ଦ୍ୱାରା ପାରିତ ହୋଇଅଛି । ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାର ଅଧିକାର ଏବଂ ନିର୍ବାଚନ ବାତିଲ କରିବା ପାଇଁ ଆବେଦନ କରିବାର ଅଧିକାର ସାଧାରଣ ଆଇନର ଅଧିକାର ନୁହେଁ । ସେଗୁଡ଼ିକ ଅଧିନିୟମ ଦ୍ୱାରା ପ୍ରଦାନ କରାଯିବା ଉଚିତ ଏବଂ କେବଳ ସେଥିରେ ଥିବା ସର୍ତ୍ତାବଳୀ ଅନୁସାରେ କାର୍ଯ୍ୟକାରୀ କରାଯାଇପାରିବ । ଏହି ଯୁକ୍ତି ଯେ ଅନୁଚ୍ଛେଦ 71 (1) ଅନୁଯାୟୀ ଏହି ଅଧିନିୟମ ଏବଂ ନିୟମାବଳୀ ସର୍ବୋଚ୍ଚ ନ୍ୟାୟାଳୟର ଅଧିକାରିତା କ୍ଷେତ୍ରରୁ ଅବମାନନା କରେ ବୋଲି ସେହି ଅନୁଯାୟୀ ପ୍ରତ୍ୟାଖ୍ୟାନ କରାଯିବା ଆବଶ୍ୟକ । ତେଣୁ, ଆବେଦନକାରୀଙ୍କର 1952ର ଅଧିନିୟମ XXXI ର ବ୍ୟବସ୍ଥାଗୁଡିକ ଅନୁଯାୟୀ ନିର୍ବାଚନକୁ ରଦ୍ଦ କରିବା ବ୍ୟତୀତ କୌଣସି ଅଧିକାର ନାହିଁ ।

ଏବଂ ଶେଷରେ ଏହା ଯୁକ୍ତି କରାଯାଇଛି ଯେ ଯେତେବେଳେ କୌଣସି ନିର୍ବାଚନ ସାମ୍ବିଧାନିକ ବ୍ୟବସ୍ଥା ଭଙ୍ଗ କରି ଅନୁଷ୍ଠିତ ହୋଇଥାଏ ସେତେବେଳେ ଜଣେ ନାଗରିକ ହିସାବରେ ଆବେଦନକାରୀଙ୍କର ଅନୁଚ୍ଛେଦ 71 (1) ଅନୁଯାୟୀ ଏହି ଅଦାଲତରେ ଆବେଦନ କରିବାର ଅଧିକାର ରହିଛି । ପୂର୍ବରୁ ଦିଆଯାଇଥିବା କାରଣଗୁଡିକ ପାଇଁ, ଏହି ଯୁକ୍ତିର ବିଫଳତା ନିଶ୍ଚିତ । କୌଣସି ବ୍ୟକ୍ତିର ନିର୍ବାଚନକୁ ସ୍ଥଗିତ ରଖିବା ପାଇଁ ଆବେଦନ କରିବାର ଅଧିକାରକୁ ସେହି ଆଇନ୍ ଦ୍ୱାରା ନିର୍ଦ୍ଧାରଣ କରାଯିବା ଉଚିତ, ଯେଉଁ ଅଧିନିୟମ ଏହାକୁ ପ୍ରଦାନ କରେ, ସେହି ଅଧିନିୟମ ହେଉଛି ଅନୁଚ୍ଛେଦ 71 (3) ଅନୁଯାୟୀ ପାରିତ 1952 ର ଅଧିନିୟମ XXXI । ଆବେଦନକାରୀ କଠୋର ଭାବରେ ନିଜକୁ ସେହି ଅଧିନିୟମର ପରିସର ମଧ୍ୟରେ ହିଁ ରଖିବାକୁ ହେବ ଏବଂ ଏହା

*1957*

*ଡକ୍ଟର. ଏନ୍. ବି. ଖାରେ*
*ବନାମ*
*ଭାରତ ନିର୍ବାଚନ ଆୟୋଗ*

*ନ୍ୟାୟମୂର୍ତ୍ତି ଭେଙ୍କଟରାମା ଆୟାର*

ବ୍ୟତୀତ ତାଙ୍କର କୌଣସି ଅଧିକାର ନାହିଁ । ଯେଉଁ ଆଦେଶ ବିରୁଦ୍ଧରେ ଆବେଦନ କରାଯାଇଥିଲା ତାହା ସ୍ପଷ୍ଟ ଭାବେ ଠିକ୍ ଏବଂ ଏହି ଆବେଦନକୁ ଖାରଜ କରିଦିଆଗଲା ।

*ଆବେଦନକୁ ଖାରଜ କରାଗଲା ।*

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମା ରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଧିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର :**

ସୁମିତ୍ରା ସାହୁ, ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।